# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



ସଦାପ୍ରଭୁ
ପରମେଶ୍ୱର
ଯୋଶେଫ, ଏକ
କ୍ରୀତଦାସକୁ
ଉପରକୁ
ଉଠାଇଲେ ।

ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: M. Maillot; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ
ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ
ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୋଶେଫ୍ ଭୁଲ ଭାବରେ ନିଜର

ପୂର୍ବତନ ମାଲିକଙ୍କ ଦ୍ୱାରା

କାରାଗାରରେ ନିକ୍ଷେପ

କରାଯାଇଥିଲେ ।

କାରାଗାରରେ

ଯୋଶେଫ୍

ବାଧ୍ୟତା ଓ

ପରୋପକରୀ

ଥିଲେ ।



କାରା ରକ୍ଷକ କାରାଗାରରେ ଲୋକଙ୍କ
ଜୀବନ ସଜାଡ଼ିବାକୁ ଯୋଶେଫଙ୍କ
ଉପରେ ଭରଷା କଲେ ।
କାରଣ ପରମେଶ୍ୱର
ଯୋଶେଫଙ୍କ
ସହିତରେ ଥିଲେ,
କାରାଗାର ସମସ୍ତଙ୍କ
ନିମନ୍ତେ ଏକ ଉତ୍ତମ
ସ୍ଥାନ ହୋଇଗଲା ।




ରାଜାଙ୍କର ପାନପାତ୍ର ବାହକ ଓ
ସୁଫକାର ଦୁହେଁ କାରାଗାରରେ ଥିଲେ ।
ତୁମ୍ଭେ କହିଁକି ଦୁଃଖିତ ଅଟ ଯୋଶେଫ୍ ଦିନେ
ସେମାନଙ୍କୁ
ପଚାରଲେ ।


କେହି ଜଣେହେଲେ ମଧ୍ୟ ଆମ୍ଭ ସ୍ୱପ୍ନର
ଉତ୍ତର କହି ପାରୁନାହାନ୍ତି, ସେହି
ଭୟଭିତ ଲୋକ କହିଲେ । ପରମେଶ୍ୱର
କହିପାରନ୍ତି,
ଯୋଶେଫ୍
କହିଲେ ।
ମୋତେ ତୁମ
ସ୍ୱପ୍ନଗୁଡ଼ିକ କୁହ ।

ତୁମ୍ଭ ସ୍ୱପ୍ନର ଉତ୍ତର ଅନୁଷାରେ ତୁମ୍ଭେ ଫାରୋଙ୍କର
ଅନୁଗ୍ରହ ପ୍ରାପ୍ତ ହେବ ଓ ତିନିଦିନ ମଧ୍ୟରେ
ନିଜକାର୍ଯ୍ୟରେ
ପୁଣିଥରେ
ନିଯୁକ୍ତି ପାଇବ,
ଯୋଶେଫ୍
ପାନପାତ୍ର
ବାହକଙ୍କୁ
କହିଲେ ।





ମୋତେ ମନେକରି ଏହି ସ୍ଥାନରୁ ମୁକ୍ତ କରିବାକୁ  ଫାରୋଙ୍କୁ ଅନରୋଧ କର । ସୁପକାରର ସ୍ୱପ୍ନରେ ଦୁଃସଂବାଦ ଥିଲା । ତୁମେ ତିନିଦିନ ମଧ୍ୟରେ ମରିଯିବ,

ଯୋଶେଫ୍ ତାହାଙ୍କୁ କହିଲେ ।

ଦୁଇଟିଯାକ ସ୍ୱପ୍ନର ଉତ୍ତର ସତ୍ୟ ହୋଇଗଲା ।

କିନ୍ତୁ ସେହି ପାନପାତ୍ରବାହକ ସବୁକିଛି ପାଶୋରିଗଲେ
ସେ ପର୍ଯ୍ୟନ୍ତ ଯେବେ ଫାରୋ ନିଜେ ଏକ ସକାଳେ



ଅଶାନ୍ତ ଭାବରେ ଉଠିଲେ । ମୁ ଏକ ସ୍ୱପ୍ନ
ଦେଖିଲି, ସେ କହିଲେ ।



ତାଙ୍କ ଦେଶର ପଣ୍ଡିତ ଓ ମନ୍ତ୍ରୀଙ୍କ
କେହିମଧ୍ୟ ସ୍ୱପ୍ନର ଉତ୍ତର
କରି ପାରିଲେ ନାହିଁ । ସେହି ସମୟରେ
ପାନପାତ୍ର ବାହକ କାରାଗାରରେ ଥିବା
ଯୋଶେଫଙ୍କୁ ମନେ ପକାଇଲେ । ସେ
ଫାରୋଙ୍କୁ ତାଙ୍କବିଷୟରେ କହିଲେ ।

ସଂଙ୍ଗେ ସଂଙ୍ଗେ ଫାରୋ ଯୋଶେଫଙ୍କୁ ବାହାରକୁ ଆଣିବାକୁ ପଠାଇଲେ । ତୁମ୍ଭର ସ୍ୱପ୍ନ ପରମେଶ୍ୱରଙ୍କଠାରୁ ଏକ ବାଣୀ ଅଟେ, ଯୋଶେଫ୍ ଫାରୋଙ୍କୁ କହିଲେ ।



ମିଶର ଦେଶରେ ଆସନ୍ତା ସାତ ବର୍ଷ
ଅନେକ ପରିମାଣରେ ଫସଲ ହେବ, ତା ପରେ
ଆସିବା ସାତ ବର୍ଷ ଭୟଙ୍କର ଦୁର୍ଭୀକ୍ଷ ହେବ ।



ପ୍ରଥମେ ଆସିବା ଉତ୍ତମ ସାତ ବର୍ଷର ଫସଲକୁ ସଂଗ୍ରହ କରି ରଖିବାକୁ ଯୋଜନା କରନ୍ତୁ, ଯୋଶେଫ୍ ଫାରୋଙ୍କୁ ଅନୁଯୋଗ କଲେ, ତା ନହେଲେ ଦୁର୍ଭୀକ୍ଷ ହେତୁ ଲୋକମାନେ ଅନାହାରରେ ମୃତୁବରଣ କରିବେ ।



ପରମେଶ୍ୱର ତୁମ୍ଭ ସହିତ ଅଟନ୍ତି,
ଫାରୋ କହିଲେ । ତୁମ୍ଭେ ସମସ୍ତ
ମିଶରର ଅଧ୍ୟକ୍ଷ ହେବ,
କେବଳ ମୋହର
ଦ୍ୱୀତୀୟରେ
ତୁମ୍ଭେ ରହିବ ।



ଉତ୍ତମ ସାତ ବର୍ଷରେ ଅନେ ଫସଲ ହେଲା, ତା ପରେ ସାତ ବର୍ଷ ମହା ଦୁର୍ଭୀକ୍ଷ । କେବଳ ମିଶର ଛଡ଼ା ସମସ୍ତ ଦେଶରେ ଖାଦ୍ୟର ଅଭାବ ଦେଖାଦେଲା, ଯେଉଁଠାରେ କି ସେମାନେ ବୁଦ୍ଧିମାନର ସହିତ ଖାଦ୍ୟକୁ ସଂଗ୍ରହ କରି ରଖିଥିଲେ । ଯୋଶେଫଙ୍କର ସୁଦୂର ନିଜ ଦେଶରେ, ଯୋଶେଫଙ୍କ ପରିବାର ମଧ୍ୟ ଖାଦ୍ୟର ଅଭାବରେ ଥିଲେ ।



ଖାଦ୍ୟନିମନ୍ତେ ଲୋକମାନେ ସମସ୍ତ ଦେଶ ମାନଙ୍କରୁ ମିଶରକୁ ଖାଦ୍ୟ ସାମଗ୍ରୀ କ୍ରୟ କରିବା ନିମନ୍ତେ ଗଲେ । ନିଶ୍ଚିତ ଭାବରେ

ତୁମ୍ଭେମାନେ ମଧ୍ୟ ମିଶରକୁ ଯିବା ଆବଶ୍ୟକ ।



ଯାକୁବ ନିଜର ସନ୍ତାନ ମାନଙ୍କୁ ଆଜ୍ଞା ଦେଲେ, ତା ନହେଲେ ଆମ୍ଭେ ସମସ୍ତେ ଖାଦ୍ୟାଭାବରେ ମୃତୁବରଣ କରିବା । ମିଶରରେ ପହଞ୍ଚିଲା ପରେ ପୁତ୍ରମାନେ ଖାଦ୍ୟ ସାମଗ୍ରୀ କିଣିବାକୁ ପ୍ରସ୍ତୁତ ହେଲେ ।



ଯାକୁବଙ୍କ ପୁତ୍ରମାନେ ସେହି ଦେଶରେ ଥିବା ଅଧିକ୍ଷକଙ୍କ ଆଗରେ ଯାନୁପାତି ପ୍ରଣାମ କଲେ । ସେମାନେ ନିଜ ଭାଇ ଯୋଶେଫଙ୍କୁ ଚିହ୍ନିପାରିଲେ ନାହିଁ । କିନ୍ତୁ ଯୋଶେଫ୍ ସେମାନଙ୍କୁ ଜାଣିଥିଲେ । ଯୋଶେଫ୍ ନିଜର ବାଳକ ସମୟର ସ୍ୱପ୍ନ କଥାକୁ ମନେ ପକାଇଲେ । ପରମେଶ୍ୱର ତାଙ୍କୁ ତାଙ୍କ



ଭାଇମାନଙ୍କଠାରୁ ଉର୍ଦ୍ଧକୁ ଉଠାଇ ଅଛନ୍ତି ।

ଯୋଶେଫ୍ ବହୁତ ବୁଦ୍ଧିମାନ୍ ଥିଲେ । ସେ ସେମାନଙ୍କ ସହିତ କଟୁ କଥା କହିଲେ ଓ ନିଜଭାଇ ସିମିଅନ୍ଙ୍କୁ ସେମାଙ୍କ ଆଗରେ ବାନ୍ଧିପକାଇଲେ ।



ଖାଦ୍ୟ ସାମଗ୍ରୀ ନେଇଯାଅ, ଓ ନିଜର ସାନ ଭାଇଙ୍କୁ
ମୋ କତିକି ଆଣ, ସେ ଆଜ୍ଞା କଲେ । ତେବେଯାଏଁ
ଆମ୍ଭେ ଜାଣିବା ଯେ ତୁମ୍ଭେମାନେ
ଗୁପ୍ତଚର ନୁହଁ ।



ଭାଇମାନେ ଭାବିଲେ, ବୋଧହୁଏ ଅନେକ ବର୍ଷ ଆଗରେ ସେମାନେ ଯୋଶେଫଙ୍କୁ କ୍ରୀତଦାସ ରୁପେ ବିକ୍ରୟ କରିଥିବା ହେତୁରୁ ପରମେଶ୍ୱର ସେମାନଙ୍କୁ ଦଣ୍ଡିତ କରୁଅଛନ୍ତି ।



ଯାକୁବ ଓ ତାଙ୍କ ପୁତ୍ରମାନେ ଦ୍ୱନ୍ଦରେ ପଡ଼ିଲେ । ଆମର ଟଙ୍କା ଖାଦ୍ୟସଶ୍ୟ ସହିତ ଫେରସ୍ତ ଆସିଛି । ଏବଂ ନିଜର ସାନ ଭାଇ ବେଞ୍ଜାମିନ୍‌କୁ ସାଥିରେ ନେବାକୁ ଶାସକ କହିଛନ୍ତି ।



ଯାକୁବ ବଞ୍ଜାମିନ୍‌କୁ ଯିବାକୁ ମନା କରିଦେଲେ । କିନ୍ତୁ ଅତି ଶିଘ୍ର ଖାଦ୍ୟଶସ୍ୟ ସରିଆସିଲା । ଭାଇମାନେ ଶସ୍ୟ କିଣିବା ନିମନ୍ତେ ମିଶର ଦେଶକୁ ଯିବାକୁ ପଡ଼ିଲା ।

ବେଞ୍ଜାମିନ୍ ମଧ୍ୟ ସେମାନଙ୍କ ସହିତ ଗଲେ ।



ଯେତେବେଳେ ଯୋଶେଫ୍ ବେଞ୍ଜାମିନ୍ଙ୍କୁ ଦେଖିଲେ ସେ ଏକ ମହା ଭୋଜର ଆୟୋଜନ କରିବା ନିମନ୍ତେ ଆଜ୍ଞା ଦେଲେ । ଭାଇମାନେ ନିମନ୍ତ୍ରୀତ ଥିଲେ । ତୁମ ବାପା କି ଏବେ ବି ବଞ୍ଚିଛନ୍ତି, ସେ କି ଭଲରେ ଅଛନ୍ତି, ଯୋଶେଫ୍ ପଚାରିଲେ । ହୋଇପାରେ ଯୋଶେଫ୍ ଭାବୁଥିଲେ ସେ କିପରି ଭାବରେ ନିଜର ସମସ୍ତ ପରିବାରକୁ ଏକତ୍ର କରିବେ ।



ଯୋଶେଫ୍ ମଧ୍ୟ ଜାଣିବାକୁ ଚାହୁଁଥିଲେ କି
ତାଙ୍କ ଭାଇମାନେ ଅନେକ ବର୍ଷ ଆଗରୁ
କରିଥିବା ପାପ ନିମନ୍ତେ ପଶ୍ଚାତାପ
କରୁଛନ୍ତି । ଭୋଜର ଶେଷରେ
ସେ ସେମାନଙ୍କୁ ଚୋରମାନେ



ବୋଲି କହିଲେ । ଦୋଷି
ମୋଠାରେ ଦାସ ହୋଇ ରହିବା
ତୁମ୍ଭମାନଙ୍କର ଦଣ୍ଡ ଅଟେ,
ଯୋଶେଫ୍ ସେମାନଙ୍କୁ କହିଲେ ।

ଆମ୍ଭର ପ୍ରୋଭୋ, ତାହା ବଦଳରେ

ମୋହର ପ୍ରାଣ ନିଅନ୍ତୁ, ଯିହୁଦା

ନିବେଦନ କଲେ ।  ଯୋଶେଫ୍

ଜାଣିଥିଲେ ଯେ, ଯିହୁଦା ହିଁ

ଯୋଶେଫ୍ଙ୍କୁ ବିକ୍ରୟ କରିବା



ନିମନ୍ତେ ଉପଦେଶ

ଦେଇଥିଲେ, ସତ୍ୟତାରେ

ସେ ବଦଳି ଯାଇଥିଲେ ।



ନିଜର ଭାଇ ଓ ପରିବାର ପ୍ରତି ନିଜର ପ୍ରେମ
ଲୁଚ଼ାଇ ନପାରି, ଯୋଶେଫ୍ ସମସ୍ତ
ମିଶ୍ରୀୟ ମାନଙ୍କୁ
ବାହାରି ଯିବାକୁ
ଆଦେଶ ଦେଲେ ।
ତା ପରେ ସେ

ରୋଦନ କରିବାକୁ
ଲାଗିଲେ ।



ମୁଁ ଯୋଶେଫ୍ ତୁମ୍ଭମାନଙ୍କର ଭାଇ,
ଯାହାକୁ ତୁମ୍ଭେମାନେ ମିଶ୍ରୀୟ ମାନଙ୍କୁ
ବିକ୍ରୟ କରିଦେଇଥିଲ ।
ଉଦବିଗ୍ନ ଓ ଭୟରେ
ସେମାନେ କିଛି
ଉତ୍ତର ଦେଇ
ପାରିଲେ ନାହିଁ ।



ଯୋଶେଫ୍ ନିଜର ଭାଇମାନଙ୍କୁ ଉତ୍ସାହ ଦେଲେ ।

ପରମେଶ୍ୱର ମୋତେ
ମିଶରର ଅଧିପତି
କରିଛନ୍ତି ଯେପରି କି ମୁଁ
ତୁମ୍ଭମାନଙ୍କୁ ଏହି ଦୁର୍ଭୀକ୍ଷରୁ ରକ୍ଷା
କରି ପାରିବି । ଯାଅ ମୋହର
ପିତାଙ୍କୁ ନେଇଆସ ।



ମୁଁ ତୁମ୍ଭମାନଙ୍କର ସେବା କରିବି ।

ମିଶର ଦେଶରେ

ଯାକୁବ ଏବଂ

ଯୋଶେଫ୍ ପୁଣିଥରେ

ଏକତ୍ର ହୋଇଗଲେ ଓ

ସମସ୍ତ ପରିବାର ମିଶି ସେଠାରେ

ଶାନ୍ତ ଓ ସମୃଦ୍ଧିର ଜୀବନ

ଯାପନ କଲେ ।

ସଦାପ୍ରଭୁ ପରମେଶ୍ୱର ଯୋଶେଫ, ଏକ କ୍ରୀତଦାସକୁ ଉପରକୁ ଉଠାଇଲେ ।

# ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

# ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩୯-୪୫

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଇଶ୍ୱର ଚ଼ାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ
ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬